ପ୍ରେସ୍ ନୋଟ୍

ଆଜି ଅନୁଗୋଳ ଜିଲ୍ଲାରୁ ୧୦୦ ଜଣ କରୋନା ପଜିଟିଭ ଚିହ୍ନଟ ।

ପଜିଟିଭ ସଂଖ୍ୟା ୪୨୭୮ରେ ପହଞ୍ଚିଲା - ସୁସ୍ଥ ହେଲେ୧୦୬ ଜଣ ।

ଅନୁଗୋଳ, ତା.୨୬.୦୭:- ଆଜି ଅନୁଗୋଳ ଜିଲ୍ଲାରେ ୧୦୦ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୧୮ ଜଣ (୧୧ ଜଣ ପୁରୁଷ ଓ ୭ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୫ଜଣ (୯ଜଣ ପୁରୁଷ ଓ ୬ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୧୨ଜଣ (୭ ଜଣ ପୁରୁଷ ଓ ୫ଜଣ ମହିଳା), ବଅଁରପାଳ ବ୍ଲକ୍ ଅଂଚଳରୁ ୧୨ଜଣ (୧୦ଜଣ ପୁରୁଷ ଓ ୨ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୧୧ଜଣ (୬ଜଣ ପୁରୁଷ ଓ ୫ଜଣ ମହିଳା),ତାଳଚେର ବ୍ଲକ୍ ଅଂଚଳରୁ ୧୦ଜଣ (୬ ଜଣ ପୁରୁଷ ଓ ୪ଜଣ ମହିଳା), ତାଳଚେର ପୌରାଞ୍ଚଳରୁ ୭ଜଣ (୫ ଜଣ ପୁରୁଷ ଓ ୨ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୫ଜଣ (୩ଜଣ ପୁରୁଷ ଓ ୨ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୪ଜଣ (୩ଜଣ ପୁରୁଷ ଓ ୧ଜଣ ମହିଳା), ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୩ଜଣ (୨ଜଣ ପୁରୁଷ ଓ ୧ଜଣ ମହିଳା) ଓ ପାଳଲହଡା ବ୍ଲକ୍ ଅଂଚଳରୁ ୩ଜଣ (୨ଜଣ ପୁରୁଷ ଓ ୧ଜଣ ମହିଳା) ଅଛନ୍ତି । ଚିହ୍ନଟ ହୋଇଥିବା ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକ ମଧ୍ୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୧୦୬ଜଣ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୨୨୯ଜଣ ମୃତ୍ୟୁବରଣ କଲେଣି । ଆଜି ସୁଦ୍ଧା ୩ ଲକ୍ଷ ୬୫ହଜାର ୮୩୧ଜଣଙ୍କୁ ଟିକା ଦିଆଗଲାଣି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୨୪ ତା.୨୬.୦୭.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ